# NATIONAL NEWS BULLETIN (ODIA)

**9 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆସନ୍ତା ମଙ୍ଗଳବାରଠାରୁ ଦୁଇଦିନିଆ ମରିସସ୍ ଗସ୍ତ ।

- ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ; ଏହି ପର୍ଯ୍ୟାୟରେ ବସିବ ୨୦ଟି ବୈଠକ ।

- ସୁରକ୍ଷା ପରିସ୍ଥିତି ସମୀକ୍ଷା ସଂକ୍ରାନ୍ତ ବୈଠକରେ ଯୋଗଦେବା ପାଇଁ ଜାମ୍ମୁରେ ପହଞ୍ଚିଲେ ସ୍ୱରାଷ୍ଟ୍ର ସଚିବଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ।

- ସିରିଆର ଉପକୂଳ ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷରେ ଏକହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ପ୍ରାଣହାନୀ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟାଇଟଲ ହାସଲ ପାଇଁ ଆଉ ଅଳ୍ପ ସମୟ ପରେ ଭାରତ ଏବଂ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ ।

# ଏମ୍‌ଇଏ- ପିଏମ୍ ମରିସସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାରଠାରୁ ଦୁଇ ଦିନିଆ ମରିସସ୍ ଗସ୍ତରେ ଯିବେ। ନୂଆଦିଲ୍ଲୀରେ ଗତ ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ କହିଛନ୍ତି, ୨୦୧୫ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହା ହେଉଛି ପ୍ରଥମ ମରିସସ୍ ଗସ୍ତ।

ଏହି ଗସ୍ତ ଅବସରରେ ମରିସସର ଜାତୀୟ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବୈଦେଶିକ ସଚିବ କହିଛନ୍ତି, ମରିସସ୍ ଜାତୀୟ ଦିବସରେ ଭାରତୀୟ ପ୍ରତିରକ୍ଷା ବାହିନୀ, ନୌସେନା ଏବଂ ବାୟୁସେନାର ଆକାଶ ଗଙ୍ଗା ସ୍କାଏ ଡାଇଭିଂ ଦଳ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ପୋର୍ଟ ଲୁଇସରେ ପହଞ୍ଚିବେ। ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରତିଷ୍ଠାତା ସିଓ୍ୱସାଗୁର ରାମଗୁଲାମ ଏବଂ ମରିସସର ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀ ସାର୍ ଅନିରୁଦ ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଶ୍ରୀ ମୋଦୀ ସାର୍ ସିଉସାଗୁର ରାମଗୁଲାମ୍ ବଟାନିକାଲ ଗାର୍ଡେନ୍ ଗସ୍ତ କରିବେ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମରିସସ୍ ରାଷ୍ଟ୍ରପତି ଧର୍ମବୀର ଗୋଖୁଲ, ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମ ଏବଂ ମରିସସ୍‌ର ବିଶିଷ୍ଟ ବ୍ୟକ୍ତି ଏବଂ ରାଜନୈତିକ ଦଳର ନେତାମାନଙ୍କ ସହ

ବୈଠକ କରିବେ। ଶ୍ରୀ ମିସ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତୀୟ ବଂଶୋଦ୍ଭବ ସଦସ୍ୟମାନଙ୍କ ସହ ଆଲୋଚନା କରିବେ ଏବଂ ଭାରତର ଅନୁଦାନ ସହାୟତାରେ ନିର୍ମିତ ସିଭିଲ ସର୍ଭିସ କଲେଜ ଏବଂ ଏରିଆ ହେଲ୍‌ଥ ସେଣ୍ଟରକୁ ଉଦଘାଟନ କରିବେ । ଏହି ଗସ୍ତ ସମୟରେ ଦୁଇଦେଶ ମଧ୍ୟରେ କେତେଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପାର୍ଲ୍ୟାମେଣ୍ଟ- ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏପ୍ରିଲ ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୨୦ଟି ବୈଠକ ବସିବ। ଅଧିବେଶନରେ ୨୦୨୫-୨୬ ବର୍ଷ ପାଇଁ ଅନୁଦାନ ଦାବି ଏବଂ ଆନୁସଙ୍ଗିକ ବିନିଯୋଗ ବିଲ୍ ଉପରେ ଆଲୋଚନା ଓ ମତଦାନ ହେବ। ବ୍ୟାଙ୍କିଂ ଆଇନ (ସଂଶୋଧନ) ବିଲ୍, କୋଷ୍ଟାଲ ସିପିଂ ବିଲ୍ ୨୦୨୪, ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍, ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ବିଲ୍ ୨୦୨୫ ଏବଂ ରେଳବାଇ (ସଂଶୋଧନ) ବିଲ୍ ସମେତ ଅନେକ ବିଲ୍ ଉପରେ ମଧ୍ୟ ଆଲୋଚନା ହେବାର ଆଶା କରାଯାଉଛି।

ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି

ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରିଥିଲେ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଧିବେଶନର ପ୍ରଥମ ଭାଗରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଲୋକସଭାର କାର୍ଯ୍ୟକାରୀତା ୧୧୨ ପ୍ରତିଶତ ସଫଳତା ହାସଲ କରିଥିଲା ।

## ଜେକେ-ସିକ୍ୟୁରିଟି ମିଟିଂ

ଜାମ୍ମୁରେ ସୁରକ୍ଷା ପରିସ୍ଥିତିର ସମୀକ୍ଷା ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବା ପାଇଁ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ନେତୃତ୍ୱରେ ଅର୍ଦ୍ଧସାମରିକ ବାହିନୀ ଗୁଇନ୍ଦା ସଂସ୍ଥାର ବରିଷ୍ଠ ଅଧିକାରୀ ଆଜି ଜାମ୍ମୁରେ ପହଞ୍ଚିଛନ୍ତି । ଏହି ବୈଠକରେ ଜାମ୍ମୁକାଶ୍ମୀର ପୁଲିସର ବରିଷ୍ଠ ଅଧିକାରୀ ଏବଂ ସୁରକ୍ଷା ସଂସ୍ଥାର ଅଧିକାରୀମାନେ ଏକାଠି ହୋଇ ସୁରକ୍ଷା ସ୍ଥିତିର ସମୀକ୍ଷା ନେଇ ମତ ବିନିମୟ କରିବେ । ଦୁଇଟି ଅଧିବେଶନରେ ବୈଠକ ଅନୁଷ୍ଠିତ ହେବ । ଜାମ୍ମୁ ଅଞ୍ଚଳରୁ ଆତଙ୍କବାଦର ମୂଳୋତ୍ପାଟନ ଲକ୍ଷ୍ୟ ନେଇ ବୈଠକରେ ରଣନୀତିର ରୂପରେଖ ପ୍ରସ୍ତୁତ କରାଯିବ । ଶ୍ରୀ ମୋହନ ସ୍ୱରାଷ୍ଟ୍ର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗ ଦେବେ । ଏହାପୂର୍ବରୁ ସେ କାଶ୍ମୀର ଗସ୍ତ କରି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି । ସିଆର୍‌ପିଏଫ୍, ଗୁଇନ୍ଦା ବିଭାଗ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି

ବୈଠକରେ ଯୋଗଦେବେ । ପରିସ୍ଥିତିର ଅନୁଧ୍ୟାନ କରିବା ସହ ପରବର୍ତ୍ତୀ ପଦକ୍ଷେପ ନେଇ ବିସ୍ତୃତ ଆଲୋଚନା କରିବେ । ସୀମା ସୁରକ୍ଷା ବଳ ମହାନିର୍ଦ୍ଦେଶକ ଦଲଜିତ୍ ସିଂହ ଚୌଧୁରୀ ଗତକାଲି ଜାମ୍ମୁରେ ପହଞ୍ଚି ପୁଞ୍ଚ୍ ଜିଲ୍ଲାର ନିୟନ୍ତ୍ରଣ ରେଖା ପରିଦର୍ଶନ କରିଥିଲେ ।

## ପ୍ରେଜ୍-ଅନନ୍ତ ଦାସ

ଓଡ଼ିଶାର ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଅନନ୍ତ ଦାସଙ୍କର ଆଜି ବଡି ଭୋର୍‌ରୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା । ବିଜେଡିର ଏହି ନେତା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ଶ୍ରୀ ଦାସଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ରାଷ୍ଟ୍ରପତି ମୁର୍ମୁ ଏହି ଦିବଂଗତ ନେତାଙ୍କର ରାଜ୍ୟବାସୀଙ୍କ ସେବା ଓ ତ୍ୟାଗ ସମ୍ପର୍କରେ ମନେ ପକାଇଛନ୍ତି । ତାଙ୍କ ପରିବାରବର୍ଗ ଓ ସମର୍ଥକଙ୍କୁ ରାଷ୍ଟ୍ରପତି ମୁର୍ମୁ ସମବେଦନା ଜଣାଇଛନ୍ତି ।

## ସିରିଆ ଭାଓଲେନ୍ସ

ସିରିଆର ଉପକୂଳ ଅଞ୍ଚଳରେ ଘଟିଥିବା ଏକ ଗୋଷ୍ଠୀ ସଂଘର୍ଷରେ ୭୪୫ଜଣ ସାଧାରଣ ନାଗରିକଙ୍କ ସମେତ ଏକହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର

ପ୍ରାଣହାନୀ ଘଟିଛି । ଏହି ହିଂସା ଗତ ଗୁରୁବାରଠାରୁ ଜାବ୍ଲେରୁ ଆରମ୍ଭ ହୋଇ ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳକୁ ବ୍ୟାପି ଯାଇଛି । ସିରିଆର ମାନବାଧିକାର ପର୍ଯ୍ୟବେକ୍ଷଣ ସଂସ୍ଥା କହିଛି ଗାଦିଚ୍ୟୁତ ପୂର୍ବତନ ରାଷ୍ଟ୍ରପତି ବସାର ଅଲ୍ ଅସାଦଙ୍କ ସମର୍ଥକ ଓ ମିଳିତ ପାରା ମିଲିଟାରୀ ସମର୍ଥନରେ ନୂତନ ପ୍ରଶାସନ ମଧ୍ୟରେ ଏହି ସଂଘର୍ଷ ଘଟିଥିଲା । ପର୍ଯ୍ୟବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁସାରେ ମୃତକଙ୍କ ମଧ୍ୟରେ ୧୨୫ଜଣ ସରକାରୀ ସୁରକ୍ଷା କର୍ମୀ ଓ ୧୪୮ଜଣ ଅସାଦଙ୍କ ସମର୍ଥକ ଥିବା ଜଣାପଡିଛି । ସମଗ୍ର ଅଞ୍ଚଳରେ ହିଂସା ଓ ଅସ୍ଥିରତା ଲାଗି ରହିଥିବାରୁ ସେଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଦେଖାଦେଇଛି ।

## କଲମ୍ବିଆ ଲ୍ୟାଣ୍ଡସଲାଇଡ୍

କଲମ୍ବିଆର ଦକ୍ଷିଣ-ପଶ୍ଚିମ ଭାଗରେ ମୂଷଳଧାରାରେ ବର୍ଷା ଜନିତ ଭୂ-ସ୍ଖଳନ ଘଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । କଲମ୍ବିଆର ଜାତୀୟ ରିସ୍କ ପରିଚାଳନା ୟୁନିଟ୍ ରିପୋର୍ଟ ଅନୁଯାୟୀ  ପ୍ରବଳ ଜଳସ୍ରୋତରେ ୩ଜଣ ବ୍ୟକ୍ତି ନିଖୋଜ ଥିବାବେଳେ ୩୮ଜଣଙ୍କୁ ଉଦ୍ଧାର କରାଯାଇଛି । ଭୂ-ସ୍ଖଳନ ହେତୁ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଭାବିତ ହୋଇଥିବାବେଳେ ୬୫ଟି ଘର ଭୁଷୁଡି ପଡ଼ିଥିବା ଜଣାପଡିଛି । ଜଣାଶୁଣା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ଲା-କୋଚା ଲାଗୁନ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ସଡ଼କପଥର

ମରାମତି ଓ ସଫେଇ ନିମନ୍ତେ ଉଚ୍ଚ ଶକ୍ତିସମ୍ପନ୍ନ ମେସିନ୍ ବ୍ୟବହାର କରାଯାଇଛି । ଏହାଛଡା ସ୍ଥାନୀୟ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା ଜାରି ରହିଛି ।

## ଏମ୍‌ଇଏ-କାର୍ଲିଫର୍ଣ୍ଣିଆ ଟେମ୍ପୁଲ

କାଲିଫର୍ଣ୍ଣିଆର ଚିନୋ ହିଲ୍‌ସରେ ଥିବା ଏକ ହିନ୍ଦୁ ମନ୍ଦିରରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟିକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଏହି ଘଟଣାରେ ସଂପୃକ୍ତ ଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ ଦାବି କରିଛି । ସଂପୃକ୍ତ ଉପସନା ସ୍ଥଳୀରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାକୁ ମନ୍ତ୍ରଣାଳୟ କହିଛି ।

## ଉପରାଷ୍ଟ୍ରପତି - ଏମ୍‌ସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଅସୁସ୍ଥ ଅନୁଭବ କରିବାରୁ ଗତକାଲି ନୂଆଦିଲ୍ଲୀସ୍ଥିତ ଏମ୍‌ସରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଶ୍ରୀ ଧନଖଡଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି ।

## ଇସ୍ରାଏଲ-ସିଜ୍‌ଫାୟାର

ଗାଜାରେ ଅସ୍ତ୍ରବିରତି ନବୀକରଣ ଏବଂ ପାଲେଷ୍ଟାଇନ୍ ସଶସ୍ତ୍ର ସଂଗଠନ ହମାସ୍ ଦ୍ୱାରା ପଣବନ୍ଦୀ ଥିବା ଇସ୍ରାଏଲ ନାଗରିକଙ୍କୁ ମୁକ୍ତି କରିବା ସଂକ୍ରାନ୍ତ ଆଲୋଚନାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ କାତାରର ରାଜଧାନୀ ଦୋହାଠାରେ ଏକ ବୈଠକ ଅନୁଷ୍ଠିତ ହେବ । ଇସ୍ରାଏଲ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଏଥିପାଇଁ ପଠାଯିବ । ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆମେରିକା ସମର୍ଥିତ ଦେଶର ମଧ୍ୟସ୍ଥତା ପ୍ରସ୍ତାବକୁ ଇସ୍ରାଏଲ ଗ୍ରହଣ କରିଛି । ଅନ୍ୟପକ୍ଷରେ ଗାଜାରେ ଅସ୍ତ୍ରବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସକରାତ୍ମକ ସୂଚନା ମିଳିଛି ବୋଲି ଗତକାଲି ହମାସ୍ କହିଛି । ହମାସ୍ ମୁଖପାତ୍ର ଅବଦୁଲ ଲତିଫ ଅଲ୍ କାନୁ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଅସ୍ତ୍ରବିରତି ଚୁକ୍ତିର କାର୍ଯ୍ୟକାରୀତାକୁ ଚୂଡାନ୍ତ ରୂପଦେବା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇଜିପ୍ଟ ଏବଂ କତାରର ମଧ୍ୟସ୍ଥତାରେ ପ୍ରୟାସ ଜାରି ରହିଛି ।

ଅନ୍ୟପକ୍ଷରେ ଗାଜାର ଲୋକଙ୍କ ପାଇଁ ସମସ୍ତ ପ୍ରକାର ଯୋଗାଣ ବ୍ୟବସ୍ଥାକୁ ଇସ୍ରାଏଲ ଗସ୍ତ ସପ୍ତାହରେ ବନ୍ଦ କରିଦେଇଛି । ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତିର ସମୟସୀମା ବୃଦ୍ଧି ଏବଂ ଦୁଇପକ୍ଷ ମଧ୍ୟରେ ସ୍ଥାୟୀ ଅସ୍ତ୍ରବିରତି ଚୁକ୍ତି ଏବଂ ବାକିଥିବା ପଣବନ୍ଦୀଙ୍କୁ ମୁକ୍ତ କରିବା ଲାଗି ହମାସ୍ ଉପରେ ଚାପ ପ୍ରୟୋଗ କରିବା ଲକ୍ଷ୍ୟନେଇ ଇସ୍ରାଏଲ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତିରେ ଇସ୍ରାଏଲ ପାଖାପାଖି ୨ହଜାର ପାଲେଷ୍ଟିନୀୟ କଏଦୀଙ୍କୁ ମୁକ୍ତ କରିଥିବାବେଳେ ଗାଜା ପକ୍ଷରୁ ୨୪ଜଣ ଜୀବିତ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିବାବେଳେ ୮ଜଣ ମୃତ ପଣବନ୍ଦୀଙ୍କ ଶରୀରକୁ ହସ୍ତାନ୍ତର କରାଯାଇଛି ।

## ଆଇସିସି ଚାମ୍ପିଅନ୍ସ ଟ୍ରଫି

ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଟାଇଟଲ ହାସଲ ପାଇଁ ଭାରତ ଓ ନ୍ୟୁଜିଲାଣ୍ଡ ଆଉ କିଛି ସମୟ ପରେ ଦୁବାଇର ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ଠାରେ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡର ଅଭିଜ୍ଞ ବୋଲିଂ ବିପକ୍ଷରେ ଭାରତର ଶକ୍ତିଶାଳୀ ବ୍ୟାଟିଂ ମୁହାଁମୁହିଁ ହେବେ। ଦୁଇଦଳ ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ନିକଟରେ ହୋଇଥିବା ମୁକାବିଲାରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ହାସଲ କରି ନିଜର ମନୋବଳ ଦୃଢ଼ ରଖିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛି। ସେମିଫାଇନାଲ ପର୍ଯ୍ୟାୟରେ ଭାରତ’ ଅଷ୍ଟ୍ରେଲିଆକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଥିବାରୁ ଆତ୍ମବିଶ୍ୱାସର ସହ ପଡ଼ିଆକୁ ଓହ୍ଲାଇବ। ସୂଚନାଯୋଗ୍ୟ, ୨୦୨୩ରେ ମୁମ୍ବାଇରେ ଅନୁଷ୍ଠିତ ଆଇସିସି ପୁରୁଷ

କ୍ରିକେଟ ବିଶ୍ୱକପ୍ ସେମିଫାଇନାଲରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୭୦ ରନ୍‌ରେ ବିଜୟୀ ହୋଇଥିଲା ।

## ଓ୍ୱିମେନ୍ସ ପ୍ରିମିୟର

ମହିଳା ପ୍ରିମିୟର କ୍ରିକେଟ୍ ଲିଗ୍‌ରେ ଆସନ୍ତାକାଲି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟ୍‌ସ ମଧ୍ୟରେ ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମଠାରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ୟୁପି ଓ୍ୱାରିଅର୍ସ ୧୨ ରନ୍‌ରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପରାଜିତ ହୋଇ ବେଙ୍ଗାଲୁରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛି । ୟୁପି ଓ୍ୱାରିୟର୍ସ ମଧ୍ୟ ପ୍ରତିଯୋଗିତାରୁ ପୂର୍ବରୁ ବାଦ୍ ପଡିସାରିଛି ।

ଗୁଜରାଟ ଜାଏଣ୍ଟ୍‌ସ ଏ ପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍‌ସ ୮ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ପ୍ଲେ ଅପ୍ ପର୍ଯ୍ୟାୟରେ ପହଞ୍ଚି ସାରିଛି ।